# NATIONAL NEWS BULLETIN (ODIA)

## 7 February-2025

### Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ଦେଶର ଅଭିବୃଦ୍ଧି ଦିଗରେ ମଧ୍ୟବିତ୍ତ ବର୍ଗଙ୍କ ଭୂମିକାକୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ ।
- ଭାରତ-ଆମେରିକା ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ ଲାଗି ଆସନ୍ତା ୧୦ ବର୍ଷ ପାଇଁ ପ୍ରସ୍ତୁତ ହେବ ଏକ ସମନ୍ୱିତ କାର୍ଯ୍ୟଖସଡ଼ା ଚିଠା ପ୍ରସ୍ତାବ ।
- ଦେଶର ଏମ୍.ଏସ୍.ଏମ୍.ଇ. କ୍ଷେତ୍ରରେ ୨୫ କୋଟିରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ଲୋକସଭାରେ ସରକାରଙ୍କ ସୂଚନା ।
- ପ୍ରୟାଗରାଜର ମହାକୁମ୍ଭରେ ସାମିଲ ହୋଇ ସଂଗମରେ ବୁଡ଼ ପକାଇଲେ ପାକିସ୍ତାନର ୬୮ ଜଣ ହିନ୍ଦୁ ଶ୍ରଦ୍ଧାଳୁ ।

ଏବଂ

- ନାଗପୁର ପ୍ରଥମ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଇଂଲଣ୍ଡକୁ ୪ ୱିକେଟ୍‌ରେ ପରାସ୍ତ କଲା ଭାରତ ।

# ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଅଭିବୃଦ୍ଧି ଦିଗରେ ମଧ୍ୟବିତ୍ତ ବର୍ଗଙ୍କ ଭୂମିକାକୁ ଭୂୟସୀ ପ୍ରଶଂସା କରିଛନ୍ତି । ସେମାନଙ୍କର ଆକାଂକ୍ଷା ଦେଶର ପ୍ରଗତିକୁ ପ୍ରୋତ୍ସାହିତ କରୁଛି ବୋଲି ସେ ମତବ୍ୟକ୍ତ କରିଛନ୍ତି । ଗତକାଲି ରାଜ୍ୟସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବର ଉତ୍ତର ଦେଇ ପ୍ରଧାନମନ୍ତ୍ରୀ ମଧ୍ୟବିତ୍ତବର୍ଗ ଲୋକଙ୍କ ହାତରେ ଅଧିକ ପୁଞ୍ଜି ଉପଲବ୍ଧ କରାଇବା ଲାଗି ସରକାରଙ୍କ ନିଷ୍ପତ୍ତି ଉପରେ ଆଲୋକପାତ କରିଛନ୍ତି ।

କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଯୋଗୁଁ ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଅଣାଯାଇ ପାରିଛି – ଯାହାକି ଏକ ଗର୍ବର ବିଷୟ ବୋଲି ଶ୍ରୀ ମୋଦୀ କହିଛନ୍ତି । ସେ କହିଛନ୍ତି, ବିଜେପି ନେତୃତ୍ୱାଧୀନ ଏନ୍.ଡି.ଏ. ସରକାରଙ୍କର ଦେଶ ପ୍ରଥମ ବିକାଶ ମଡେଲ୍ ତୁଷ୍ଟିକରଣ ନୁହେଁ ସନ୍ତୁଷ୍ଟିକରଣ ଉପରେ ପ୍ରାଥମିକତା ଦେଇ କାର୍ଯ୍ୟ କରୁଛି । ଦେଶବାସୀ ଏହି ମଡେଲ୍‌କୁ ପରୀକ୍ଷା କରିବା ସହିତ ସମ୍ପୂର୍ଣ୍ଣ ରୂପେ ଅବଗତ ହୋଇ ସମର୍ଥନ ଦେବା ସ୍ୱରୂପ ତୃତୀୟଥର ଲାଗି ତାଙ୍କ ସରକାରଙ୍କ ସପକ୍ଷରେ ଭୋଟ୍ ଦେଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେହିଭଳି ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କୁ

ସଶକ୍ତ କରିବା ଉଦ୍ଦେଶ୍ୟରେ ତାଙ୍କ ସୁରକ୍ଷା ରକ୍ଷା ଲାଗି ଆବଶ୍ୟକ ଆଇନ୍ ପ୍ରଣୟନ କରିଛନ୍ତି । ଏତଦ୍ ବ୍ୟତୀତ ଦିବ୍ୟାଙ୍ଗଜନଙ୍କ କଲ୍ୟାଣ ଲାଗି ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ମଧ୍ୟ ଶ୍ରୀ ମୋଦୀ ଆଲୋକପାତ କରିଛନ୍ତି ।

ନିଜର ଉତ୍ତର ଶେଷ କରିବା ସମୟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ବିଭିନ୍ନ କ୍ଷେତ୍ରରେ ଦେଶର ଲକ୍ଷ୍ୟ ହାସଲ, ଭାରତ ନିକଟରୁ ବିଶ୍ୱ କ'ଣ ଆଶା କରେ, ଦେଶର ସାଧାରଣ ନାଗରୀକର ଆତ୍ମ ବିଶ୍ୱାସ ତଥା ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟପନ୍ଥାର ବିସ୍ତୃତ ବିବରଣୀ ରାଷ୍ଟ୍ରପତିଙ୍କ ଅଭିଭାଷଣରେ ବର୍ଣ୍ଣନା କରାଯାଇଥାଏ । ପ୍ରଧାନମନ୍ତ୍ରୀଙ୍କ ଉତ୍ତର ପରେ ରାଜ୍ୟସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବକୁ ପାରିତ କରାଯାଇଛି ।

## ରାଜନାଥ-ୟୁଏସ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ତାଙ୍କର ଯୁକ୍ତରାଷ୍ଟ୍ର ଆମେରିକା ପ୍ରତିପକ୍ଷ ପିଟେ ହେଗ୍‌ସେଥ ଗତକାଲି ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ ଥିବା ସହଯୋଗର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ଦୁଇ ନେତା ମଧ୍ୟରେ ଟେଲିଫୋନ୍ ମାଧ୍ୟମରେ ହୋଇଥିବା ଏହି ଆଲୋଚନା ସମୟରେ ସ୍ଥଳ, ବାୟୁ, ସାମୁଦ୍ରିକ ତଥା ମହାକାଶ କ୍ଷେତ୍ରରେ ଦୁଇ ଦେଶ

ମଧ୍ୟରେ ଥିବା ସହଯୋଗକୁ ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ଆଗାମୀ ୧୦ ବର୍ଷ ପର୍ଯ୍ୟନ୍ତ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ ଲାଗି ଏକ ସମନ୍ୱିତ କାର୍ଯ୍ୟଖସଡ଼ା ସମ୍ପର୍କିତ ଚିଠା ପ୍ରସ୍ତାବ ମିଳିତ ଭାବେ ପ୍ରସ୍ତୁତ କରିବା ଲାଗି ଉଭୟ ପ୍ରତିରକ୍ଷା ମନ୍ତ୍ରୀ ସମ୍ମତି ପ୍ରଦାନ କରିଛନ୍ତି ।

ସେହିଭଳି ଦ୍ୱିପକ୍ଷିୟ ପ୍ରତିରକ୍ଷା ଭାଗିଦାରୀକୁ ଅଧିକ ସଶକ୍ତ କରିବା ଦିଗରେ ଉଭୟ ନେତା ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି । ଏହି ଆଲୋଚନା ସମୟରେ ଦୁଇ ଦେଶର ପ୍ରତିରକ୍ଷା ମନ୍ତ୍ରୀ ବୈଷୟିକ ଜ୍ଞାନକୌଶଳ ସହଯୋଗ, ପ୍ରତିରକ୍ଷା ଶିଳ୍ପ ଯୋଗାଣ ଶୃଙ୍ଖଳ, ଲଜିଷ୍ଟିକ୍ସ, ସୂଚନା ଆଦାନପ୍ରଦାନ ତଥା ମିଳିତ ସାମରିକ ଅଭ୍ୟାସ କ୍ଷେତ୍ରରେ ଏକାଠି କାମ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସେହିଭଳି ଦୁଇ ଦେଶର ସରକାରଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ପ୍ରତିରକ୍ଷା ଅଭିନବତା ସହଯୋଗକୁ ସମର୍ଥନ ଦେବା ସହିତ ଷ୍ଟାର୍ଟଅପ୍ ଓ ବାଣିଜ୍ୟ କାରବାରକୁ ଅଧିକ ସୁଦୃଢ଼ କରିବା ଲାଗି ମଧ୍ୟ ସେମାନେ ସହମତ ହୋଇଛନ୍ତି ।

## ମିଟିଂ-ଇଣ୍ଡିଆ-ସ୍ପେନ୍

ପ୍ରତିରକ୍ଷା କ୍ଷେତ୍ରରେ ଭାରତ-ସ୍ପେନ୍ ପଞ୍ଚମ ଯୁଗ୍ମ କାର୍ଯ୍ୟଗୋଷ୍ଠୀ ବୈଠକ ଗତକାଲି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ ଥିବା ଦ୍ୱିପକ୍ଷିୟ

ସହଯୋଗର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି । ଏତଦ୍‌ବ୍ୟତୀତ ସାମୁଦ୍ରିକ କ୍ଷେତ୍ର ସମେତ ଅନ୍ୟାନ୍ୟ ବିବିଧ କ୍ଷେତ୍ରରେ କିଭଳି ମିଳିତ ଭାବେ କାର୍ଯ୍ୟ କରାଯାଇପାରିବ ସେ ଦିଗରେ ମଧ୍ୟ ଆଲୋଚନା ହୋଇଛି । ଏ ସମ୍ପର୍କରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି, ପ୍ରତିରକ୍ଷା କ୍ଷେତ୍ରର ବିଶେଷ କରି ଆଧୁନିକ ଜ୍ଞାନକୌଶଳ ଏବଂ ଅସ୍ତ୍ରଶସ୍ତ୍ର ଉତ୍ପାଦନ କ୍ଷେତ୍ରରେ ସହଯୋଗକୁ ଅଧିକ ସଶକ୍ତ କରିବା ଉପରେ ଦୁଇ ଦେଶ ନିଜର ସମ୍ମତି ପ୍ରଦାନ କରିଛନ୍ତି ।

## ଜୟଶଙ୍କର-ଗ୍ରୀସ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଓ ତାଙ୍କର ଗ୍ରୀସ୍ ପ୍ରତିପକ୍ଷ ଜର୍ଜ୍ ଗେରା ପେଟ୍ରିଟିସ୍ ଗତକାଲି ନୂଆଦିଲ୍ଲୀ ଠାରେ ଦ୍ୱିପକ୍ଷିୟ ଆଲୋଚନା କରିଛନ୍ତି । ଏହି ଆଲୋଚନା ସମୟରେ ଡକ୍ଟର ଜୟଶଙ୍କର ଭାରତ-ଗ୍ରୀସ୍ ଭାଗିଦାରୀର ଗୁରୁତ୍ୱ ଉପରେ ଆଲୋକପାତ କରି କହିଛନ୍ତି, ଭାରତ ବାଣିଜ୍ୟ, ପୁଞ୍ଜିନିବେଶ ଏବଂ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଗ୍ରୀସ୍ ଠାରୁ ସହଯୋଗ ଆଶା କରେ ।

ସେହିଭଳି ଶ୍ରୀ ଗେରା ପେଟ୍ରିଟିସ୍ କହିଛନ୍ତି, ଗତ କିଛି ବର୍ଷ ମଧ୍ୟରେ ଭାରତ ଓ ଗ୍ରୀସ୍ ମଧ୍ୟରେ ଦ୍ୱିପକ୍ଷିୟ ସମ୍ପର୍କ ଅଧିକ ସଶକ୍ତ ହୋଇପାରିଛି । ପର୍ଯ୍ୟଟନ, ସଂସ୍କୃତି ଏବଂ ବାଣିଜ୍ୟ ସମେତ ବିଭିନ୍ନ କ୍ଷେତ୍ରରେ ଏହି

ସମ୍ପର୍କକୁ ଅଧିକ ସଶକ୍ତ କରିବାକୁ ଗ୍ରୀସ୍ ଇଚ୍ଛୁକ ବୋଲି ସେ କହିଛନ୍ତି । ଏତଦ୍‌ବ୍ୟତୀତ ମିଳିତ ଜାତିସଂଘର ସୁରକ୍ଷା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତାକୁ ଗ୍ରୀସ୍ ସମର୍ଥନ କରେ ବୋଲି ଗେରା ପେଟ୍ରିଟିସ୍ କହିଛନ୍ତି ।

## ଏଲ୍ଏସ୍-ଏମ୍ପ୍ଲଏମେଣ୍ଟ

ଦେଶରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ବର୍ଗ ଶିଳ୍ପ କ୍ଷେତ୍ରରେ ୨୫ କୋଟିରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ସରକାର କହିଛନ୍ତି । ଗତକାଲି ଲୋକସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଏମ୍.ଏସ୍.ଏମ୍.ଇ. ରାଷ୍ଟ୍ର ମନ୍ତ୍ରୀ ଶୋଭା କରନ୍ଦଲାଜେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଉତ୍ପାଦନ କ୍ଷେତ୍ରରେ ୭ କୋଟିରୁ ଊର୍ଦ୍ଧ୍ୱ ଏବଂ ସେବା କ୍ଷେତ୍ରରେ ୧୭ କୋଟିରୁ ଊର୍ଦ୍ଧ୍ୱ ନିଯୁକ୍ତି ଦିଆଯାଇଛି । ସେହିଭଳି ୧ କୋଟିରୁ ଊର୍ଦ୍ଧ୍ୱ ଉତ୍ପାଦନ ୟୁନିଟ୍ ଏବଂ ୪ କୋଟିରୁ ଊର୍ଦ୍ଧ୍ୱ ସେବାକ୍ଷେତ୍ର ୟୁନିଟ୍ ଏମ୍.ଏସ୍.ଏମ୍.ଇ. ଅଧୀନରେ ପଞ୍ଜିକୃତ ହୋଇଛି ବୋଲି ମନ୍ତ୍ରୀ ଶ୍ରୀମତୀ କରନ୍ଦଲାଜେ କହିଛନ୍ତି ।

# ଆର୍‌ଏସ୍‌-ପେଣ୍ଡିଂ କେସ୍‌

ସର୍ବୋଚ୍ଚ ଅଦାଲତରେ ପ୍ରାୟ ୨୩ ହଜାର ମାମଲା ସମେତ ଦେଶ ବ୍ୟାପି ବିଭିନ୍ନ ଅଦାଲତରେ ଗତମାସ ଶେଷ ସୁଦ୍ଧା ୫ କୋଟି ୧୯ ଲକ୍ଷରୁ ଊର୍ଦ୍ଧ୍ୱ ମାମଲା ବିଚାରଧିନ ରହିଛି ବୋଲି  କେନ୍ଦ୍ର ଆଇନ୍‌ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ସୂଚନା ଦେଇଛନ୍ତି । ଗତକାଲି ରାଜ୍ୟସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀ ମେଘୱାଲ୍‌ ଏହି ସୂଚନା ଦେଇ କହିଛନ୍ତି,  ବକେୟା ମାମଲା ଗୁଡ଼ିକର ବିଚାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ସରକାର ଫାଷ୍ଟ୍‌ଟ୍ରାକ୍‌ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା କରିବା ସହିତ ବିଭିନ୍ନ ପଦକ୍ଷେପ ନେଇଛନ୍ତି । ଗତବର୍ଷ ଶେଷ ସୁଦ୍ଧା ଦେଶରେ ୭୪୭ଟି ଫାଷ୍ଟଟ୍ରାକ୍‌ ସ୍ୱତନ୍ତ୍ର ଅଦାଲତ କାର୍ଯ୍ୟକାରୀ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ମେଘୱାଲ୍‌ କହିଛନ୍ତି ।

# ଭିପି-କର୍ଣ୍ଣାଟକ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜି କର୍ଣ୍ଣାଟକ ଗସ୍ତ କରିବେ । ଏହି ଦିନିକିଆ ଗସ୍ତ ଅବସରରେ ଶ୍ରୀ ଧନଖଡ଼ ରାନେବେନୁର୍‌ ସ୍ଥିତ କର୍ଣ୍ଣାଟକ ବୈଭବ ସାହିତ୍ୟ ଓ ସାଂସ୍କୃତିକ ମହୋତ୍ସବର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗ ଦେବାର କାର୍ଯ୍ୟସୂଚୀ ରହିଛି ।

# ମହାକୁମ୍ଭ-ପାକ୍

ପାକିସ୍ତାନର ସିନ୍ଧ ପ୍ରଦେଶରୁ ୬୮ ଜଣ ହିନ୍ଦୁ ଶ୍ରଦ୍ଧାଳୁ ଗତକାଲି ପ୍ରୟାଗରାଜର ମହାକୁମ୍ଭରେ ସାମିଲ ହୋଇ ସଂଗମ ଠାରେ ପବିତ୍ର ବୁଡ଼ ପକାଇଛନ୍ତି । ଉତ୍ତରପ୍ରଦେଶ ସୂଚନା ବିଭାଗ ପକ୍ଷରୁ ମିଳିଥିବା ଖବର ଅନୁଯାୟୀ ଏହି ଶ୍ରଦ୍ଧାଳୁମାନେ ସେଠାରେ ବୁଡ଼ ପକାଇବା ସହ ତାଙ୍କର ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା କରିଛନ୍ତି । ଭାରତ ସରକାର ସେମାନଙ୍କୁ ଏଥିଲାଗି ଭିସା ପ୍ରଦାନ କରିବା ଦିଗରେ ତ୍ୱରିତ ପଦକ୍ଷେପ ନେଇଥିବାରୁ ଏହି ପାକିସ୍ତାନୀ ଶ୍ରଦ୍ଧାଳୁମାନେ କୃତଜ୍ଞତା ଜଣାଇଛନ୍ତି । ଏହି ଅବସରରେ ସେମାନେ ସେଠାରେ ଆୟୋଜିତ ବିଭିନ୍ନ ପ୍ରଦର୍ଶନୀ ବୁଲି ଦେଖିବା ସହ ଆଧ୍ୟାତ୍ମିକ ଗୁରୁମାନଙ୍କୁ ଭେଟିଛନ୍ତି । ଭବିଷ୍ୟତରେ ମଧ୍ୟ ପାକିସ୍ତାନରୁ ଏଭଳି ଶ୍ରଦ୍ଧାଳୁଙ୍କୁ ଭାରତ ଆସିବା ଲାଗି ସ୍ଥାନୀୟ ସରକାର ଭିସା ପ୍ରଦାନ କରିବା ପ୍ରକ୍ରିୟା ଜାରି ରଖିବେ ବୋଲି ସେମାନେ ଗଣମାଧ୍ୟମ ନିକଟରେ ଆଶାବ୍ୟକ୍ତ କରିଛନ୍ତି ।

# ମହାକୁମ୍ଭ-ନ୍ୟୁ ଲ

ସଂସଦରେ ପାରିତ ହୋଇଥିବା ତିନୋଟି ନୂତନ ଅପରାଧିକ ନିୟମ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରୟାଗରାଜର ମହାକୁମ୍ଭ ମେଳା ଠାରେ ଏକ ଡିଜିଟାଲ୍ ପ୍ରଦର୍ଶନୀ ଆୟୋଜିତ ହୋଇଛି ।

ଏହି ନିୟମଗୁଡ଼ିକ ହେଲା – ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରୀକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ । ଭାରତୀୟ ବିଚାର ବିଭାଗୀୟ ପ୍ରକ୍ରିୟାରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ଏହି ନୂତନ ନିୟମ ଗୁଡ଼ିକ ଗତବର୍ଷ ଜୁଲାଇ ପହିଲାରୁ ଦେଶ ବ୍ୟାପି ଲାଗୁ ହୋଇସାରିଛି । ସାଇବର ଅପରାଧ ଏବଂ ସଂଗଠିତ ଅପରାଧ ଭଳି ସମସ୍ୟା ଗୁଡ଼ିକର ମୁକାବିଲା ଲାଗି ନୂତନ ଢାଞ୍ଚାଗତ ପ୍ରକ୍ରିୟା ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି ।

# କ୍ରିକେଟ୍

ନାଗପୁର ଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଭାରତ ଇଂଲଣ୍ଡକୁ ୪ ଓ୍ୱିକେଟ୍‌ରେ ପରାସ୍ତ କରିଛି । ଏଥିସହିତ ଏହି ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ଭାରତ ୧-୦ରେ ଅଗ୍ରଣୀ ରହିଛି । ଗତକାଲି ଟସ୍ ଜିତି ଇଂଲଣ୍ଡ ଦଳ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ୪୭ ଓଭର ୪ଟି ବଲ୍‌ରେ ସମସ୍ତ ଓ୍ୱିକେଟ୍ ହରାଇ ୨୪୮ରନ୍ କରିଥିଲା । ଦଳ ପକ୍ଷରୁ ଅଧିନାୟକ ଜୋସ୍ ବଟଲର ସର୍ବାଧିକ ୫୨ରନ୍ କରିଥିବା ବେଳେ ଜ୍ୟାକବ୍ ବେଥେଲ୍ ୫୧ରନ୍ ସଂଗ୍ରହ କରିଥିଲେ ।  ଭାରତ ପକ୍ଷରୁ ରବୀନ୍ଦ୍ର ଜାଡ଼େଜା ଏବଂ ହର୍ଷିତ ରାଣା ୩ଟି

ଲେଖାଏଁ ୱିକେଟ୍ ନେଇଥିବା ବେଳେ ମହମ୍ମଦ ସାମି, ଅକ୍ଷର ପଟେଲ୍ ଓ କୁଲଦୀପ ଯାଦବ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ ।

୨୪୯ରନ୍ ବିଜୟ ଲକ୍ଷ୍ୟର ପିଛା କରି ଭାରତ ୩୮ ଓଭର ୪ଟି ବଲ୍‌ରେ ୬ ୱିକେଟ୍ ହରାଇ ୨୫୧ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଶୁଭମନ ଗିଲ୍ ସର୍ବାଧିକ ୮୭ରନ୍ କରିଥିବା ବେଳେ ଶ୍ରେୟସ୍ ଆୟାର୍ ୫୯ ଏବଂ ଅକ୍ଷର ପଟେଲ୍ ୫୨ରନ୍ କରିଥିଲେ । ଇଂଲଣ୍ଡ ପକ୍ଷରୁ ସାକିବ୍ ମହମ୍ମଦ ଏବଂ ଆଦିଲ୍ ରସିଦ୍ ୨ଟି ଲେଖାଏଁ ୱିକେଟ୍ ନେଇଥିବା ବେଳେ ଜୋଫ୍ରା ଆର୍ଚର୍ ଓ ଜାକବ୍ ବେଥଲ୍ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଛନ୍ତି । ଶୁଭମନ ଗିଲ୍‌ଙ୍କ ଲଢୁଆ ବ୍ୟାଟିଂ ଲାଗି ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି ।

ଏହି ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ରବିବାର କଟକର ବାରବାଟୀ ଷ୍ଟାଡିୟମ୍ ଠାରେ ଖେଳାଯିବ । ଆଜି ଦୁଇ ଦଳ ଭୁବନେଶ୍ୱରରେ ପହଞ୍ଚିବା ପରେ ଆସନ୍ତାକାଲି ଅପରାହ୍ଣରେ ଉଭୟ ଦଳର ଖେଳାଳିମାନେ ବାରବାଟୀ ଷ୍ଟାଡିୟମ୍‌ରେ ଅଭ୍ୟାସ କରିବାକୁ ଆସିବେ । ଏଥିଲାଗି କଟକ ଓ ଭୁବନେଶ୍ୱରରେ କମିଶନରେଟ୍ ପୁଲିସ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।